# MODEL PAPER
# SSC PUBLIC EXAMINATIONS - 2024
**First Language - ODIA**

**X Class]** **(Max. Marks: 100)** **[Time: 3:15 Hrs.**

**ଶୀକ୍ଷାର୍ଥୀଙ୍କୁ ସୂଚନା :**

1. ପ୍ରଶ୍ନପତ୍ରରେ ତିନୋଟି ବିଭାଗ ରହିଛି ।
2. ପ୍ରଶ୍ନପତ୍ର ପଢ଼ିବା ପାଇଁ 15 ମିନିଟ୍ ଓ ଉତ୍ତର ଲେଖିବା ପାଇଁ 3 ଘଣ୍ଟା ସମୟ ଦିଆଯାଇଛି ।
3. ପ୍ରତ୍ୟେକ ପ୍ରଶ୍ନର ଉତ୍ତର ତୁମକୁ ଦିଆଯାଇଥିବା ଖାତାରେ ସ୍ପଷ୍ଟ ଓ ସୁନ୍ଦର ଭାବେ ଲେଖ ।
4. ପ୍ରତ୍ୟେକ ପ୍ରଶ୍ନର ନମ୍ବର ଉତ୍ତରର ବାମପାର୍ଶ୍ୱରେ ଲେଖ ।

## ବିଭାଗ – କ

## I. ବୋଧ–ଅନୁଚିନ୍ତନ (32 ମାର୍କ)

**1. ଯେକୌଣସି ଗୋଟିଏ ପଦ୍ୟାଂଶ ପଢ଼ି, ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।** **(4x2 = 8)**

ଉତ୍କଳ ଶୂରବର – ଦର୍ପିତ ଗେହା,
ଅରିକୁଳ – ଶୋଣିତ – ଚର୍ଚ୍ଚିତ – ଦେହା,
ବିଶ୍ୱଭୂମଣ୍ଡଳ – କୃତବର – ସ୍ନେହା
ଜନନୀ, ଜନନୀ, ଜନନୀ ।

**ପ୍ରଶ୍ନ :** କ) ଉତ୍କଳ କେଉଁମାନଙ୍କ ବାସଭୂମି ବୋଲି କବି କହିଛନ୍ତି ?
ଖ) କେଉଁମାନଙ୍କ ରକ୍ତରେ ଉତ୍କଳ ଜନନୀଙ୍କ ଦେହ ଅନୁରଞ୍ଜିତ ?
ଗ) ସମଗ୍ର ବିଶ୍ୱରେ କେଉଁମାନେ ସ୍ନେହର ଭାଜନ ହୋଇଛନ୍ତି ?
ଘ) ଏଠାରେ କବି କାହାକୁ ଜନନୀ ବୋଲି ସଂବୋଧନ କରିଛନ୍ତି ?

**(କିମ୍ବା)**

ବିଭୂତିକି ଭୁଞ୍ଜୁଥିଲୁ ବିଭୂତିଭୂଷଣେ
ବଡ଼କୁଳେ ଜନମି ଶରଣ କି କାରଣ ଯେ ?
ବୋଲ ଅଙ୍ଗଦକୁ ପିତା ଶତ୍ରୁ ଭକ୍ତି ପୁଣ୍ୟ
ବାଦ ରଚାଇ ପିତୃବ୍ୟ ବାହୁଡ଼ାଅ ସୈନ୍ୟ ଯେ ।।

*[Turn Over*

**ପ୍ରଶ୍ନ :** କ) ଉକ୍ତ ପଦ୍ୟାଂଶଟି କେଉଁ ପଦ୍ୟରୁ ଗୃହୀତ ?

ଖ) ରାବଣ ଶୁକ, ସାରଣଙ୍କ ମାଧ୍ୟମରେ ବିଭୀଷଣଙ୍କ ପାଖକୁ କି ବାର୍ତ୍ତା ପଠାଇଲେ ?

ଗ) ଅଙ୍ଗଦ ନିକଟକୁ ରାବଣ କି ସନ୍ଦେଶ ପ୍ରେରଣ କଲେ ?

ଘ) ରାବଣର ବାର୍ତ୍ତା ନେଇ ଅଙ୍ଗଦ ନିକଟକୁ କିଏ ଆସିଥିଲେ ?

**2. ନିମ୍ନ ପରିଚିତ ଗଦ୍ୟାଂଶଟି ପଢ଼ି, ପ୍ରଦତ୍ତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।**

**(4x2 = 8)**

ଶ୍ରୀରାମକୃଷ୍ଣ ପୃଥିବୀରୁ ବିଦାୟ ନେବା ବେଳକୁ ନରେନ୍ ବାଇଶ ବର୍ଷର ସଂସାର ଅନଭିଜ୍ଞ ଯୁବକ । ବର୍ଷକ ପୂର୍ବରୁ ତାଙ୍କର ପିତା ବିଶ୍ୱନାଥ ଦତ୍ତ ଇହଧାମ ତ୍ୟାଗ କରିଥାଆନ୍ତି । ଦୁଇ ପିତାଙ୍କୁ ହରାଇ ସଂସାରରେ ଚଳିବା ଓ ସଂସାରକୁ ଚଳାଇବା, ଉଭୟ ବିଷୟରେ ନରେନ୍ ଏକୁଟିଆ ହୋଇଗଲେ । ଏକୁଟିଆ ସତ, କିନ୍ତୁ ଦୁର୍ବଳ ନୁହନ୍ତି । ଜଗତର ସବୁ ମହାନ୍ କର୍ମ ଏକୁଟିଆ ମଣିଷଙ୍କ ଦ୍ୱାରା ସମ୍ପନ୍ନ ହୋଇଛି । ଦୃଢ଼ମନା ବୀରପୁରୁଷ ନରେନ୍‌ଙ୍କୁ ଶ୍ରୀରାମକୃଷ୍ଣ ତାଙ୍କର ଜୀବନର କର୍ମ ଓ ଲକ୍ଷ୍ୟ ଭଲଭାବେ ଦେଖାଇ ଦେଇଥିଲେ ।

**ପ୍ରଶ୍ନ :** କ) ବିବେକାନନ୍ଦଙ୍କ ଗୁରୁ କିଏ ଥିଲେ ?

ଖ) ବିଶ୍ୱନାଥ ଦତ୍ତ କାହାର ପିତା ଅଟନ୍ତି ?

ଗ) ମହାନ୍ କର୍ମ କିଏ ସଂପାଦନ କରିଥାନ୍ତି ?

ଘ) ଶ୍ରୀରାମକୃଷ୍ଣ କାହା ଜୀବନର କର୍ମ ଓ ଲକ୍ଷ୍ୟ ଭଲଭାବେ ଦେଖାଇ ଦେଇଥିଲେ ?

**3. ନିମ୍ନ ପ୍ରଦତ୍ତ ଘଟଣାଗୁଡ଼ିକ କେଉଁ ଗଳ୍ପରୁ ଆସିଛି ଲେଖ । (4x2 = 8 )**

କ) ଦୁଇ ଆଣ୍ଠୁ ଭିତରେ ମୁହଁକୁ ଗୁଞ୍ଜି ବସି ରହିଲେ ଅଙ୍ଗଦ ।

ଖ) ''କାଲି ସକାଳର ରୁଟି ବାପା ।'' ଅସରପା ବୁଲି ଯାଇଛନ୍ତି । କୁକୁର ବି ଛୁଇଁଲା ନାହିଁ ।''

ଗ) ନଟବାବୁ ଧୀର ଗଳାରେ ଡାକିଲେ, 'ହରି, ଅଛୁ କିରେ ?'

ଘ) ଅଶୋକ କ୍ଷୁବ୍ଧ ସ୍ୱରରେ କହିଲେ, 'ମୁଁ କଳିଙ୍ଗ ପ୍ରଜାଙ୍କ ପ୍ରଶଂସା ଶୁଣିବାକୁ ଆପଣଙ୍କୁ ଏଠିକି ଡାକି ନାହିଁ ।

**4. ନିମ୍ନ ଅପରିଚିତ ଗଦ୍ୟାଂଶଟି ପଢ଼ି, ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ । (4x2 = 8)**

ମଧ୍ୟଯୁଗୀୟ ଓଡ଼ିଆ ରୀତିକାବ୍ୟର ସମୃଦ୍ଧ ଧାରା ଘୁମୁସରର ରାଜା ଧନଞ୍ଜୟ ଭଞ୍ଜଙ୍କ ସମୟରୁ ଆରମ୍ଭ ହେଲା । ସେ ବିଳାସୀ ରାଜା ଥିଲେ । ନିଜେ ମଧ୍ୟ ଥିଲେ ଜଣେ କବି । ତାଙ୍କର କାବ୍ୟମାନଙ୍କ ମଧ୍ୟରେ 'ଇଚ୍ଛାବତୀ', 'ଅନଙ୍ଗରେଖା', 'ରଘୁନାଥ ବିଳାସ', 'ମଦନମଞ୍ଜରୀ', 'ତ୍ରିପୁରା ମୋହିନୀ' ଆଦି ପ୍ରଧାନ । ପଞ୍ଚସଖା ଯୁଗର କାବ୍ୟକବିତା ପୁରାଣ ଇତ୍ୟାଦି ଥିଲା ଭକ୍ତିମୂଳକ । ରାମ, କୃଷ୍ଣ ଓ ଜଗନ୍ନାଥଙ୍କୁ କାବ୍ୟକବିତାମାନଙ୍କରେ ଗୁରୁତ୍ୱ ଦିଆଯାଇଥିଲା । ଏହା ଦ୍ୱାରା ସମାଜର ମଣିଷମାନଙ୍କୁ ଏକ ମାନବୀୟ ଭାବନାରେ ଉଦ୍‌ବୁଦ୍ଧ ହେବାକୁ ତଥା ସତ୍ୟ ଓ ଧର୍ମନିଷ୍ଠ ଜୀବନଯାପନ କରିବାକୁ ପ୍ରେରଣା ପ୍ରଦାନ କରାଯାଉଥିଲା ।

***[Turn Over***

**ପ୍ରଶ୍ନ :** କ) କେଉଁ ରାଜାଙ୍କ ସମୟରୁ ମଧ୍ୟଯୁଗୀୟ ଓଡ଼ିଆ ରୀତିକାବ୍ୟର ସମୃଦ୍ଧ ଧାରା ଆରମ୍ଭ ହୋଇଥିଲା ?

ଖ) ରାଜା ଧନଞ୍ଜୟ ଭଞ୍ଜଙ୍କ ରଚିତ କାବ୍ୟର ନାମଗୁଡ଼ିକ ଲେଖ ।

ଗ) କେଉଁ ଯୁଗର କାବ୍ୟକବିତାଦିରେ ଠାକୁରମାନଙ୍କୁ ଗୁରୁତ୍ୱ ଦିଆଯାଇଥିଲା ?

ଘ) ପଞ୍ଚସୁଖା ଯୁଗ ସାହିତ୍ୟର ବିଶେଷତ୍ୱ କ'ଣ ଥିଲା ?

## ବିଭାଗ – ଖ

**II. ବ୍ୟକ୍ତୀକରଣ–ସୃଜନଶୀଳ ପରିପ୍ରକାଶ** **(36 ମାର୍କ)**

**କ) ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଅନ୍ୟୁନ ଚାରି କିମ୍ବା ପାଞ୍ଚ ବାକ୍ୟରେ ଲେଖ । (3x4=12)**

5. କବିବର ରାଧାନାଥ ରାୟଙ୍କ ପରିଚୟ ପ୍ରଦାନ କର ।
6. ''ନରେନ୍‌ରୁ ବିବେକାନନ୍ଦ'' ପ୍ରବନ୍ଧର ପୃଷ୍ଠଭୂମି ଲେଖ ।
7. କାଠୁରିଆର ଚରିତ୍ର ଚିତ୍ରଣ କର ।

**ଖ) ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଅନ୍ୟୁନ ଆଠ କିମ୍ବା ଦଶ ବାକ୍ୟରେ ଲେଖ । (3x8=24)**

8. ଭୀମସେନ ଦୁଇବାର ସିଂଘନାଦ ରଡ଼ି କରିବାବେଳେ କ'ଣ କ'ଣ ଘଟିଥିଲା ବର୍ଣ୍ଣନା କର ।

**(କିମ୍ବା)**

ଆଶ୍ରମରେ ସତୀ ସୀତାଙ୍କୁ ଉଷା କିପରି ସ୍ୱାଗତ ଜଣାଇଛନ୍ତି – ଆଲୋଚନା କର ।

9. 'ଫଲ୍‌ଗୁ' ଏକାଙ୍କିକାର ସାରମର୍ମ ନିଜ ଭାଷାରେ ଲେଖ ।

**(କିମ୍ବା)**

'କୋଣାର୍କ' ମନ୍ଦିର ନିର୍ମାଣରେ ବିଶୁମହାରଣାଙ୍କ ଭୂମିକା ବର୍ଣ୍ଣନା କର ।

10. ପଠିତ କବିତା ଅବଲମ୍ବନରେ ମାଟିମାଆ ପ୍ରତି କବିଙ୍କ ମନୋଭାବର ପରିଚୟ ଜଣାଇ ସାନ ଭାଇ ନିକଟକୁ ପତ୍ର ଲେଖ ।

**(କିମ୍ବା)**

''ଜନଜୀବନରେ ମାତୃଭାଷାର ଆବଶ୍ୟକତା – ଏହି ପ୍ରସଙ୍ଗରେ ଏକ ପ୍ରବନ୍ଧ ଲେଖ ।

***[Turn Over***

## ବିଭାଗ–ଗ

**III. ଭାଷା ପ୍ରକରଣ :** **[32 ମାର୍କ ]**

*** ନିର୍ଦ୍ଦେଶାନୁସାରେ ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।** **(9x2 =18)**

11. ''ଉତ୍କଳ – କମଳା – ବିଳାସ – ଦୀର୍ଘିକା **(2 ମାର୍କ)**

ମରାଳ – ମାଳନୀ – ନୀଳାମ୍ବୁ – ଚିଲିକା''

**[ଏହି ପଦ୍ୟାଂଶରେ କେଉଁ ଅଳଙ୍କାର ପ୍ରଯୁକ୍ତ ହୋଇଛି ଲେଖ । ]**

12. 'ଭାଗବତବାଣୀ' କିମ୍ବା 'ବଙ୍ଗଳାଶ୍ରୀ' ଛନ୍ଦର ଏକ ଉଦାହରଣ ଦିଅ । **(2 ମାର୍କ)**

13. କ] ବୁଧେ ଶୁଣ ଅନ୍ୟ ପ୍ରସଙ୍ଗକୁ ଦଶଶିର **(2x1 =2 ମାର୍କ)**

ବରଗିଲା ସେ ଶୁକ ସାରଣ କରି ଚାର ଯେ ।

**[ଏହି ପଦ୍ୟାଂଶର 'ଚାର' ଶବ୍ଦଟିର ଅର୍ଥ ଲେଖ । ]**

ଖ] ଲକ୍ଷ୍ମୀକାନ୍ତ ପିତା–ମାତାଙ୍କର ଜ୍ୟେଷ୍ଠ ସନ୍ତାନ ଥିଲେ ।

**[ ଏଥିରେ ଥିବା ''ଜ୍ୟେଷ୍ଠ'' ଶବ୍ଦଟିର ଅର୍ଥ ବାଛି ଲେଖ । ]**

ଅ) ଦ୍ୱିତୀୟ ଆ) ମଝିଆ ଇ) ସାନ ଈ) ବଡ଼

14. କ] ମଙ୍ଗଳେ ଅଇଲା ଉଷା – ବିକଚ ରାଜୀବ ଦୃଶା । **(2x1 =2 ମାର୍କ)**

**[ଏଥିରେ ଥିବା ''ରାଜୀବ'' ଶବ୍ଦଟିର ପ୍ରତିଶବ୍ଦ ବାଛି ଲେଖ ।]**

ଅ) ମଲ୍ଲୀ ଆ) ମାଳତୀ ଇ) ପଦ୍ମ ଈ) କଇଁ

ଖ] ଆଧୁନିକ ସଭ୍ୟତାର ଆଦର୍ଶ ଜାଣିଲେ ହିଁ ମୈତ୍ରୀର ଧ୍ୱଜା ଉଡ଼ିବ ।

**[ଏଥିରେ ଥିବା 'ଧ୍ୱଜା' ଶବ୍ଦଟିର ପ୍ରତିଶବ୍ଦ ଲେଖ । ]**

15. କ] ଘନଘନ ବନଭୂମି ରାଜିତ ଅଙ୍ଗେ, **(2x1 =2 ମାର୍କ)**

ନୀଳ ଭୂଧରମାଳା ସାଜେ ତରଙ୍ଗେ ।

**[ଏଥିରେ ଥିବା 'ଘନ' ଶବ୍ଦଟିର ଦୁଇଟି ଭିନ୍ନାର୍ଥ ବାଛି ଲେଖ ।]**

ଅ) ନିବିଡ଼, ମେଘ ଆ) ଘଞ୍ଚ, ବଣ

ଇ) ମେଘ, ଆକାଶ ଈ) ବଣ, ଜଙ୍ଗଲ

*[Turn Over*

ଖ] ଗ୍ରାମଟିଯାକ ନବାଗତ ଅତିଥିରେ ପରିପୂର୍ଣ୍ଣ ହୋଇଗଲାଣି ।

**[ ଏଥିରେ ଥିବା 'ନବ' ଶବ୍ଦଟିର ଦୁଇଟି ଭିନ୍ନାର୍ଥ ଲେଖ । ]**

16. କ] ବଜ୍ର ଆଘାତ ସମତଳ ପ୍ରହାରିଲା ବ୍ୟୋମେ ଯେ । **(2x1 =2 ମାର୍କ)**

**[ ଏଥିରେ ଥିବା ''ବଜ୍ର ଆଘାତ'' ଶବ୍ଦଟିର ସନ୍ଧିଶବ୍ଦ ଗଠନ କର । ]**

ଖ] ମାତୃଭାଷାର ଉନ୍ନତି ପାଇଁ ନିରବଚ୍ଛିନ୍ନ ସାଧନା ଦରକାର ।

**[ ଏଥିରେ ଥିବା 'ନିରବଚ୍ଛିନ୍ନ' ଶବ୍ଦଟିର ସନ୍ଧିବିଚ୍ଛେଦ କର । ]**

17. ବଜାରର ଦର ଯେମିତି ହେଲାଣି ଅଳ୍ପ ରୋଜଗାରରେ ଚଳିବା କାଠିକର ପାଠ । **(2 ମାର୍କ)**

**[ ଏହି ବାକ୍ୟରେ ଥିବା ରୂଢ଼ିଟିକୁ ଚିହ୍ନଟ କରି ଲେଖ । ]**

18. 'ଜପମାଳି' – ଏହ ରୂଢ଼ିଟି ବ୍ୟବହାର କରି ବାକ୍ୟ ଗଠନ କର । **(2 ମାର୍କ)**

19. ସାମାନ୍ୟ ଖରାପ ଅନେକ ଭଲକୁ ନଷ୍ଟ କରିଦିଏ ।

**[ ଏହି ଅର୍ଥରେ ବ୍ୟବହୃତ ଲୋକବାଣୀଟି ଲେଖ । ]** **(2 ମାର୍କ )**

*** ନିର୍ଦ୍ଦେଶାନୁସାରେ ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।** **(14x1 =14)**

20. ବୈଜ୍ଞାନିକମାନେ ମାନବକୁ ଧ୍ୱଂସପଥର ପଥିକ କରୁଛନ୍ତି । **(1 ମାର୍କ)**

**[ ଏଥିରେ ଥିବା 'ବୈଜ୍ଞାନିକ' ପଦଟିର ପ୍ରକୃତି ପ୍ରତ୍ୟୟ ଲେଖ । ]**

21. କଳି ଉପଦ୍ରବେ ତ୍ୟଜି ଲୋକାଳୟ – ଶାନ୍ତି କି ଏ ସ୍ଥଳେ ଭଜିଲେ ଆଶ୍ରୟ । **(1 ମାର୍କ)**

**[ ଏଥିରେ ଥିବା ''ଶାନ୍ତି'' ଶବ୍ଦଟିର ବିପରୀତାର୍ଥବୋଧକ ଶବ୍ଦ ଲେଖ । ]**

22. ଜନ୍ମଭୂମି ହେଉଛି ମୋର ମାତା, ଧାତ୍ରୀ ଓ ଶିକ୍ଷୟିତ୍ରୀ । **(1 ମାର୍କ)**

**[ ଏଥିରେ ଥିବା 'ଶିକ୍ଷୟିତ୍ରୀ' ଶବ୍ଦଟିର ପୁଂଲିଙ୍ଗ ଶବ୍ଦ ଲେଖ । ]**

23. ଗୌତମୀ ଗୀତ ପ୍ରତିଯୋଗିତାରେ ପୁରଷ୍କାର ପାଇଲେ । **(1 ମାର୍କ)**

**[ ଏହି ବାକ୍ୟରେ ଥିବା ଅଶୁଦ୍ଧ ଶବ୍ଦଟିକୁ ଚିହ୍ନଟ କରି ସଂଶୋଧନ କରି ଲେଖ । ]**

24. 'ନ' ସ୍ଥାନରେ 'ଣ' ହେବା ବିଧିକୁ କ'ଣ କହନ୍ତି ? **(1 ମାର୍କ)**

***[Turn Over***

25. Time waits for none. **(1 ମାର୍କ)**

**[ଏହି ଇଂରାଜୀ ବାକ୍ୟକୁ ଓଡ଼ିଆରେ ଅନୁବାଦ କଲେ ଏହା ଠିକ୍ ହେବ । ]**

ଅ) ସମୟ ଅପେକ୍ଷାରେ ଥାଏ ।

ଆ) ସମୟ କାହାକୁ ଅପେକ୍ଷା କରେ ନାହିଁ ।

ଇ) ସମୟ ସର୍ବଦା ଗତିଶୀଳ ।

ଈ) ସମୟର ଅପେକ୍ଷାରେ ସମସ୍ତେ ଥାଆନ୍ତି ।

26. ଗଛଟି ପାଣିରେ ଜଳିଗଲା । **(1 ମାର୍କ)**

**[ ଏହି ବାକ୍ୟରେ କେଉଁ ଲକ୍ଷଣଟିର ଅଭାବ ରହିଛି । ]**

27. ରଶ୍ମି ଗୋଟିଏ ଭଲ ଗୀତ ଗାଇଲେ । **(1 ମାର୍କ)**

**[ ଏହି ବାକ୍ୟରେ ଥିବା କର୍ମ ପଦଟିକୁ ବାଛି ଲେଖ । ]**

28. **ନିମ୍ନୋକ୍ତ ବାକ୍ୟ ମଧ୍ୟରୁ ସରଳ ବାକ୍ୟଟିକୁ ଚିହ୍ନଟ କରି ଲେଖ ।** **(1 ମାର୍କ)**

ଅ) ଗୋବର୍ଦ୍ଧନ ଦରିଦ୍ରମାନଙ୍କ ସେବା କରନ୍ତି ।

ଆ) ଶିକ୍ଷକ ଡାକିଲେ, ମାନସ ଓ ସୁରେଶ ପାଠ ପଢ଼ିଲେ ।

ଇ) ମନୋଜ ଶ୍ରେଣୀରେ ବସିଲା, ମାତ୍ର ପଢ଼ି ପାରିଲା ନାହିଁ ।

ଈ) ବାପା କେବେ ଆଶା କରି ନଥିଲେ ଯେ, ସୁରେଶ ଶ୍ରେଣୀରେ ପ୍ରଥମ ହେବ ।

29. **ବାକ୍ୟର ପ୍ରକାର୍ଯ୍ୟାତ୍ମକ ରୂପ ଦୃଷ୍ଟିରୁ ଆଦେଶ ସୂଚକ ବାକ୍ୟଟିକୁ ଚିହ୍ନଟ କରି ଲେଖ ।**
**(1 ମାର୍କ)**

ଅ) ଘରଟାକୁ ସଫା କରି ଦିଅ ।

ଆ) ନମିତା ଆସି ନାହାନ୍ତି କି ?

ଇ) ତୁମ ପାଖରେ ଏତେ ଟଙ୍କା !

ଈ) ଦୟାକରି ତୁମ କଲମଟା ଦିଅ ।

***[Turn Over***

30. **ବାକ୍ୟର ଗଠନଗତ ରୂପାନ୍ତର ଦୃଷ୍ଟିରୁ ଯୌଗିକ ବାକ୍ୟଟିକୁ ଚିହ୍ନଟ କରି ଲେଖ ।**

**(1 ମାର୍କ)**

ଅ) ଉର୍ବଶୀ ଭଲ ନାଚିବାରୁ ସୁନାମ ଅର୍ଜନ କରିଛି ।

ଆ) ଯଦି ଉର୍ବଶୀ ଭଲ ନାଚିବ, ତେବେ ସେ ସୁନାମ ଅର୍ଜନ କରିବ ।

ଇ) ଉର୍ବଶୀ ଭଲ ନାଚୁଛି, ତେଣୁ ସୁନାମ ଅର୍ଜନ କରୁଛି ।

ଈ) ଉର୍ବଶୀ ଭଲ ନାଚୁଛି ଓ ଏଥିପାଇଁ ସୁନାମ ଅର୍ଜନ କରୁଛି ।

31. ଅଜ୍ଞାତ ଯୁବକକୁ ଆଶ୍ରୟ ଦେବା ଠିକ୍ ହେଲା ନାହିଁ । **(1 ମାର୍କ)**

**[ ଏହି ବାକ୍ୟଟିକୁ ଅର୍ଥଗତ ରୂପାନ୍ତର ଦୃଷ୍ଟିରୁ ବିସ୍ମୟ ସୂଚକ ବାକ୍ୟରେ ପ୍ରକାଶ କର । ]**

32. ରାଧାଶ୍ୟାମଙ୍କ ଦ୍ୱାରା ଭାଷଣ ଭଲ ହୁଏ । **(1 ମାର୍କ)**

**[ ଏହି କର୍ମବାଚ୍ୟଟିର କର୍ତ୍ତୃବାଚ୍ୟ ଲେଖ । ]**

33. ଜାଣିବାକୁ ଇଚ୍ଛାକରୁଥିବା ଛାତ୍ର ବିଦ୍ୟା ଲାଭ କରିବ । **(1 ମାର୍କ)**

**[ ଏହି ବାକ୍ୟଟିକୁ ସଂକ୍ଷେପରେ ଲେଖିଲେ ଏହା ଠିକ୍ ହେବ । ]**

କ) ଜାଣିବାକୁ ଇଚ୍ଛା କରୁଥିବା ଛାତ୍ର ଜ୍ଞାନ ଲାଭ କରିବ ।

ଖ) ଜାଣିବାକୁ ଇଚ୍ଛା କରୁଥିବା ଛାତ୍ରୀ ବିଦ୍ୱାନ ହେବ ।

ଗ) ଜିଜ୍ଞାସୁ ଛାତ୍ର ବିଦ୍ୱାନ ହେବ ।

ଘ) ଜାଣିବାକୁ ଇଚ୍ଛା କରୁଥିବା ଲୋକେ ବିଦ୍ୱାନ ହେବେ

*******

# SSC EXAMINATIONS – 2024

## BLUE PRINT FOR FIRST LANGUAGE (ODIA) PAPER

**Subject: ODIA** **Max. Marks: 100** **Time: 3hrs. 15min**

### I. ଶିକ୍ଷାମାନ – ଭାରତ୍ୱ ସାରଣୀ

| କ୍ରମ ସଂଖ୍ୟା | ଶିକ୍ଷାମାନ | ମାର୍କ | ଶତକଡ଼ା |
|---|---|---|---|
| 1. | ବୋଧ –ଅନୁଚିନ୍ତନ | 32 | 32% |
| 2. | ବ୍ୟକ୍ତୀକରଣ – ସୃଜନଶୀଳ ପରିପ୍ରକାଶ | 36 | 36% |
| 3. | ଭାଷା ପ୍ରକରଣ | 32 | 32% |
| ମୋଟ | | **100** | **100%** |

## II. ପାଠ୍ୟ ଭାରତ୍ୱ ସାରଣୀ/ବିଷୟ ସ୍ୱରୂପ ଭାରତ୍ୱ ସାରଣୀ

| କ୍ରମ ସଂଖ୍ୟା | ପାଠ୍ୟାଂଶ/ବିଷୟ | ମାର୍କ | ଶତକଡ଼ା |
|---|---|---|---|
| 1. | ପଦ୍ୟ | 20 | 20% |
| 2. | ଗଦ୍ୟ(ଅପରିଚିତ ଗଦ୍ୟ ସହିତ) | 20 | 20% |
| 3. | ଗଳ୍ପ ଓ ଏକାଙ୍କିକା | 20 | 20% |
| 4. | ପଦ୍ୟ/ଗଦ୍ୟ ଅନ୍ତର୍ଭୁକ୍ତ ସୃଜନଶୀଳ ପ୍ରଶ୍ନ | 08 | 08% |
| 5. | ଭାଷା ପ୍ରକରଣ | 32 | 32% |
| ମୋଟ | | **100** | **100%** |

## III. ପ୍ରଶ୍ନର ସ୍ୱରୂପଗତ ଭାରତ୍ୱ ସାରଣୀ

| କ୍ରମ ସଂଖ୍ୟା | ପ୍ରଶ୍ନ ସ୍ୱରୂପ | ପ୍ରଶ୍ନ ସଂଖ୍ୟା | ମାର୍କ | ମୋଟ ମାର୍କ | ଶତକଡ଼ା |
|---|---|---|---|---|---|
| 1. | ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ | 7 | 8 | 56 | 56% |
| 2. | କ୍ଷୁଦ୍ର ଉତ୍ତରମୂଳକ ପ୍ରଶ୍ନ | 3 | 4 | 12 | 12% |
| 3. | ଅତିକ୍ଷୁଦ୍ର ଉତ୍ତରମୂଳକ ପ୍ରଶ୍ନ | 9 | 2 | 18 | 18% |
| 4. | ନିର୍ଦ୍ଦିଷ୍ଟ ଉତ୍ତରମୂଳକ ପ୍ରଶ୍ନ | 14 | 1 | 14 | 14% |
| ମୋଟ | | **33** | | **100** | **100%** |

## IV. 10ମ ଶ୍ରେଣୀ – ପ୍ରଥମ ଭାଷା – ଓଡ଼ିଆ ନକ୍ସା (ପରୀକ୍ଷା ଯୋଜନା)

| କ୍ରମ ସଂଖ୍ୟା | ପାଠ୍ୟାଂଶ | ବୋଧ – ଅନୁଚିନ୍ତନ **32 ମାର୍କ** | | | ବ୍ୟକ୍ତୀକରଣ-ସୃଜନଶୀଳ **36 ମାର୍କ** | | | ଭାଷା ପ୍ରକରଣ **32 ମାର୍କ** | | | ମୋଟ | | | |
|---|---|---|---|---|---|---|---|---|---|---|---|---|---|---|
| | | ଦୀର୍ଘ | କ୍ଷୁଦ୍ର | ନିର୍ଦ୍ଦିଷ୍ଟ | ଦୀର୍ଘ | କ୍ଷୁଦ୍ର | ନିର୍ଦ୍ଦିଷ୍ଟ | କ୍ଷୁଦ୍ର | ଅତିକ୍ଷୁଦ୍ର | ନିର୍ଦ୍ଦିଷ୍ଟ | ଦୀର୍ଘ | କ୍ଷୁଦ୍ର | ଅତିକ୍ଷୁଦ୍ର | ନିର୍ଦ୍ଦିଷ୍ଟ |
| 1. | ପଦ୍ୟ | $(8)^{1}$ | | | $(8)^{1}$ | $(4)^{1}$ | | | | | $(8)^{2}$ | $(4)^{1}$ | | |
| 2. | ଗଦ୍ୟ | $(8)^{2}$ | | | | $(4)^{1}$ | | | | | $(8)^{2}$ | $(4)^{1}$ | | |
| 3. | ଗଳ୍ପ ଓ ଏକାଙ୍କିକା | $(8)^{1}$ | | | $(8)^{1}$ | $(4)^{1}$ | | | | | $(8)^{2}$ | $(4)^{1}$ | | |
| 4. | ପଦ୍ୟ/ଗଦ୍ୟ ଅନ୍ତର୍ଭୁକ୍ତ ସୃଜନଶୀଳ ପ୍ରଶ୍ନ | | | | $(8)^{1}$ | | | | | | $(8)^{1}$ | | | |
| 5. | ଭାଷା ପ୍ରକରଣ | | | | | | | | $(2)^{9}$ | $(1)^{14}$ | | | $(2)^{9}$ | $(1)^{14}$ |
| | **ମୋଟ** | **32** | | | **24** | **12** | | | **18** | **14** | **56** | **12** | **18** | **14** |

* ବନ୍ଧନୀ ମଧ୍ୟରେ ଥିବା ଅଙ୍କ ମାର୍କ ସୂଚାଏ ଏବଂ ବାହାର ଅଙ୍କଟି ପ୍ରଶ୍ନ ସଂଖ୍ୟାର ସୂଚନା ଦିଏ ।

## V. ପ୍ରଶ୍ନ ସ୍ୱରୂପ ବିଶ୍ଳେଷଣ ତାଲିକା – ପ୍ରଥମ ଭାଷା (ଓଡ଼ିଆ)

| କ୍ରମ ସଂଖ୍ୟା | ଶିକ୍ଷାମାନ | ପ୍ରଶ୍ନର କ୍ରମିକ ସଂଖ୍ୟା | ପ୍ରଶ୍ନର ସ୍ୱରୂପ | ମାର୍କ | ପ୍ରଶ୍ନର ସ୍ୱରୂପ | |
|---|---|---|---|---|---|---|
| I. | ବୋଧ – ଅନୁଚିନ୍ତନ | 1. | ପରିଚିତ ପଦ୍ୟାଂଶ - ପ୍ରଶ୍ନ | 8 | ଦୀର୍ଘ ଉତ୍ତର ମୂଳକ | ପଦ୍ୟାଂଶ ଓ ପଦ୍ୟାଂଶରୁ ପ୍ରଶ୍ନ |
| | | 2. | ପରିଚିତ ଗଦ୍ୟାଂଶ - ପ୍ରଶ୍ନ | 8 | ଦୀର୍ଘ ଉତ୍ତର ମୂଳକ | ଗଦ୍ୟରୁ ଅନୁଚ୍ଛେଦ ଓ ପ୍ରଶ୍ନ |
| | | 3. | ଗଳ୍ପରୁ ଘଟଣାକ୍ରମର ଉକ୍ତି | 8 | ଦୀର୍ଘ ଉତ୍ତର ମୂଳକ | କେବଳ ଗଳ୍ପରୁ ଦିଆଯିବ । ପ୍ରଦତ୍ତ ଘଟଣା କେଉଁ ଗଳ୍ପରୁ ଆସିଛି ତା'ର ନାମ ଲେଖିବା । |
| | | 4. | ଅପରିଚିତ ଗଦ୍ୟ | 8 | ଦୀର୍ଘ ଉତ୍ତର ମୂଳକ | ଯେକୌଣସି ଅପରିଚିତ ଗଦ୍ୟାଂଶ ଦିଆଯିବ । |
| **ସୂଚନା:** ପ୍ରତିପଦାର୍ଥ, ପଦ୍ୟାଂଶ ପୂରଣ ଓ ଭାବାର୍ଥ ଦିଆଯିବ ନାହିଁ । ସମସ୍ତ ଗଳ୍ପରୁ 4ଟି ଘଟଣାକ୍ରମର ଉକ୍ତି ଦିଆଯିବ । | | | | **32 ମାର୍କ** | | |
| II. | ବ୍ୟକ୍ତୀକରଣ- ସୃଜନଶୀଳ ପରିପ୍ରକାଶ | 5. | କବି ପରିଚୟ | 4 | କ୍ଷୁଦ୍ର ଉତ୍ତରମୂଳକ ପ୍ରଶ୍ନ | କେବଳ ପଦ୍ୟରୁ ଦିଆଯିବ । |
| | | 6. | ପୃଷ୍ଠଭୂମି | 4 | କ୍ଷୁଦ୍ର ଉତ୍ତରମୂଳକ ପ୍ରଶ୍ନ | କେବଳ ଗଦ୍ୟରୁ ଦିଆଯିବ । |
| | | 7. | ଚରିତ୍ର ଚିତ୍ରଣ | 4 | କ୍ଷୁଦ୍ର ଉତ୍ତରମୂଳକ ପ୍ରଶ୍ନ | କେବଳ ଗଳ୍ପରୁ ଦିଆଯିବ । |
| | | 8. | ବିଷୟ ବସ୍ତୁଗତ (ଅନ୍ତର୍ଗତ ଚୟନ ମୂଳକ ପ୍ରଶ୍ନ) | 8 | ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ | କେବଳ ପଦ୍ୟରୁ ଦିଆଯିବ । |
| | | 9. | ବିଷୟ ବସ୍ତୁଗତ (ଅନ୍ତର୍ଗତ ଚୟନ ମୂଳକ ପ୍ରଶ୍ନ) | 8 | ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ | କେବଳ ଏକାଙ୍କିକାରୁ ଦିଆଯିବ । |
| | | 10. | ସୃଜନଶୀଳ (ଅନ୍ତର୍ଗତ ଚୟନ ମୂଳକ ପ୍ରଶ୍ନ) | 8 | ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ | ପଦ୍ୟ ଓ ଗଦ୍ୟ ଅନ୍ତର୍ଭୁକ୍ତ ପ୍ରଶ୍ନ ଦିଆଯିବ । (ପତ୍ର ଲିଖନ, କରପତ୍ର, ସଂଳାପ, ପ୍ରଶ୍ନାବଳୀ, ପ୍ରବନ୍ଧ, ସାକ୍ଷାତକାର) [ପଦ୍ୟରୁ ଗୋଟିଏ ଏବଂ ଗଦ୍ୟରୁ ଗୋଟିଏ ପ୍ରଶ୍ନ ଦିଆଯିବ ।] |
| | | | | **36 ମାର୍କ** | | |

| କ୍ରମ ସଂଖ୍ୟା | ଶିକ୍ଷାମାନ | ପ୍ରଶ୍ନର କ୍ରମିକ ସଂଖ୍ୟା | ପ୍ରଶ୍ନ ସ୍ୱରୂପ | ମାର୍କ | ପ୍ରଶ୍ନର ସ୍ୱଭାବ | |
|---|---|---|---|---|---|---|
| III. | ଭାଷା ପ୍ରକରଣ | 11 | ଅଳଙ୍କାର ଚିହ୍ନଟ | 2 | ଅତିକ୍ଷୁଦ୍ର | ଶବ୍ଦାଳଙ୍କାର, ଅର୍ଥାଳଙ୍କାର |
| | | 12 | ଛନ୍ଦର ଉଦାହରଣ | 2 | ଅତିକ୍ଷୁଦ୍ର | ବ୍ୟାକରଣ ଅନ୍ତର୍ଗତ ସମସ୍ତ ଛନ୍ଦ |
| | | 13 | କ) ଶବ୍ଦାର୍ଥ ଲେଖିବା<br>ଖ) ଶବ୍ଦାର୍ଥ ଚିହ୍ନିବା<br>(ବହୁ ବିକଳ୍ପ ଉତ୍ତରମୂଳକ ପ୍ରଶ୍ନ) | 2 | ନିର୍ଦ୍ଦିଷ୍ଟ ଉତ୍ତରମୂଳକ ପ୍ରଶ୍ନ | ପାଠ୍ୟାଂଶଗତ ଏବଂ ପାଠ୍ୟ ପ୍ରଶ୍ନାବଳୀ ଅନ୍ତର୍ଗତ |
| | | 14 | କ) ପ୍ରତିଶବ୍ଦ ଲେଖିବା<br>ଖ) ପ୍ରତିଶବ୍ଦ ଚିହ୍ନିବା<br>(ବହୁ ବିକଳ୍ପ ଉତ୍ତରମୂଳକ ପ୍ରଶ୍ନ) | 2 | ନିର୍ଦ୍ଦିଷ୍ଟ ଉତ୍ତରମୂଳକ ପ୍ରଶ୍ନ | ପାଠ୍ୟାଂଶଗତ ଏବଂ ପାଠ୍ୟ ପ୍ରଶ୍ନାବଳୀ ଅନ୍ତର୍ଗତ |
| | | 15 | କ) ଭିନ୍ନାର୍ଥ ଲେଖିବା<br>ଖ) ଭିନ୍ନାର୍ଥ ଚିହ୍ନିବା<br>(ବହୁ ବିକଳ୍ପ ଉତ୍ତରମୂଳକ ପ୍ରଶ୍ନ) | 2 | ନିର୍ଦ୍ଦିଷ୍ଟ ଉତ୍ତରମୂଳକ ପ୍ରଶ୍ନ | ପାଠ୍ୟାଂଶଗତ ଏବଂ ପାଠ୍ୟ ପ୍ରଶ୍ନାବଳୀ ଅନ୍ତର୍ଗତ |
| | | 16 | କ) ସନ୍ଧିବିଚ୍ଛେଦ<br>ଖ) ସନ୍ଧିଗଠନ | 2 | ନିର୍ଦ୍ଦିଷ୍ଟ ଉତ୍ତରମୂଳକ ପ୍ରଶ୍ନ | ପାଠ୍ୟାଂଶଗତ ଏବଂ ପାଠ୍ୟ ପ୍ରଶ୍ନାବଳୀ ଅନ୍ତର୍ଗତ |
| | | 17 | ରୂଢ଼ି<br>(ବାକ୍ୟରେ ଥିବା ରୂଢ଼ି ଚିହ୍ନଟ) | 2 | ଅତିକ୍ଷୁଦ୍ର ଉତ୍ତରମୂଳକ ପ୍ରଶ୍ନ | ବ୍ୟାକରଣ ପାଠ୍ୟପୁସ୍ତକ ଅନ୍ତର୍ଗତ |

| | | | | | | |
|---|---|---|---|---|---|---|
| | | 18 | ରୂଢ଼ି (ବାକ୍ୟ ଗଠନ) | 2 | ଅତିକ୍ଷୁଦ୍ର ଉତ୍ତରମୂଳକ ପ୍ରଶ୍ନ | ବ୍ୟାକରଣ ପାଠ୍ୟପୁସ୍ତକ ଅନ୍ତର୍ଗତ |
| | | 19 | ଲୋକବାଣୀ (ପ୍ରୟୋଗ କରାଯାଇଥିବା ଲୋକବାଣୀଟି ଲେଖିବା) | 2 | ଅତିକ୍ଷୁଦ୍ର ଉତ୍ତରମୂଳକ ପ୍ରଶ୍ନ | ବ୍ୟାକରଣ ପାଠ୍ୟପୁସ୍ତକ ଅନ୍ତର୍ଗତ |
| | | 20 | ପ୍ରକୃତି ପ୍ରତ୍ୟୟ ଲେଖିବା | 1 | ନିର୍ଦ୍ଦିଷ୍ଟ ଉତ୍ତରମୂଳକ ପ୍ରଶ୍ନ | ପାଠ୍ୟାଂଶଗତ ଏବଂ ପାଠ୍ୟ ପ୍ରଶ୍ନାବଳୀ ଅନ୍ତର୍ଗତ |
| | | 21 | ବିପରୀତାର୍ଥ ଲେଖିବା | 1 | ନିର୍ଦ୍ଦିଷ୍ଟ ଉତ୍ତରମୂଳକ ପ୍ରଶ୍ନ | ପାଠ୍ୟାଂଶଗତ ଏବଂ ପାଠ୍ୟ ପ୍ରଶ୍ନାବଳୀ ଅନ୍ତର୍ଗତ |
| | | 22 | ଲିଙ୍ଗ ପରିବର୍ତ୍ତନ | 1 | ନିର୍ଦ୍ଦିଷ୍ଟ ଉତ୍ତରମୂଳକ ପ୍ରଶ୍ନ | ପାଠ୍ୟାଂଶଗତ ଏବଂ ପାଠ୍ୟ ପ୍ରଶ୍ନାବଳୀ ଅନ୍ତର୍ଗତ |
| | | 23 | ସାଧାରଣ ଅଶୁଦ୍ଧି | 1 | ନିର୍ଦ୍ଦିଷ୍ଟ ଉତ୍ତରମୂଳକ ପ୍ରଶ୍ନ | ବ୍ୟାକରଣ ପାଠ୍ୟପୁସ୍ତକ ଅନ୍ତର୍ଗତ |
| | | 24 | 'ଣ'ତ୍ୱ ବିଧି/'ଷ' ତ୍ୱ ବିଧି | 1 | ନିର୍ଦ୍ଦିଷ୍ଟ ଉତ୍ତରମୂଳକ ପ୍ରଶ୍ନ | ବ୍ୟାକରଣ ପାଠ୍ୟପୁସ୍ତକ ଅନ୍ତର୍ଗତ |
| | | 25 | ଇଂରାଜୀରୁ ଓଡ଼ିଆ ଅନୁବାଦ | 1 | ନିର୍ଦ୍ଦିଷ୍ଟ ଉତ୍ତରମୂଳକ ପ୍ରଶ୍ନ | ବ୍ୟାକରଣ ପାଠ୍ୟପୁସ୍ତକ ଅନ୍ତର୍ଗତ |
| | | 26 | ବାକ୍ୟବିଚାର | 1 | ନିର୍ଦ୍ଦିଷ୍ଟ ଉତ୍ତରମୂଳକ ପ୍ରଶ୍ନ | ବ୍ୟାକରଣ ପାଠ୍ୟପୁସ୍ତକ ଅନ୍ତର୍ଗତ |
| | | 27 | ପଦ ବିନ୍ୟାସ | 1 | ନିର୍ଦ୍ଦିଷ୍ଟ ଉତ୍ତରମୂଳକ ପ୍ରଶ୍ନ | ବ୍ୟାକରଣ ପାଠ୍ୟପୁସ୍ତକ ଅନ୍ତର୍ଗତ |

| | | | | | | |
|---|---|---|---|---|---|---|
| | | 28 | ବାକ୍ୟର ଗଠନାତ୍ମକ ରୂପ<br>(ବହୁ ବିକଳ୍ପ ଉତ୍ତରମୂଳକ ପ୍ରଶ୍ନ) | 1 | ନିର୍ଦ୍ଦିଷ୍ଟ ଉତ୍ତରମୂଳକ ପ୍ରଶ୍ନ | ବ୍ୟାକରଣ ପାଠ୍ୟପୁସ୍ତକ ଅନ୍ତର୍ଗତ |
| | | 29 | ବାକ୍ୟର ପ୍ରକାର୍ଯ୍ୟାତ୍ମକ ରୂପ<br>(ବହୁ ବିକଳ୍ପ ଉତ୍ତରମୂଳକ ପ୍ରଶ୍ନ) | 1 | ନିର୍ଦ୍ଦିଷ୍ଟ ଉତ୍ତରମୂଳକ ପ୍ରଶ୍ନ | ବ୍ୟାକରଣ ପାଠ୍ୟପୁସ୍ତକ ଅନ୍ତର୍ଗତ |
| | | 30 | ବାକ୍ୟର ଗଠନଗତ ରୂପାନ୍ତର<br>(ବହୁ ବିକଳ୍ପ ଉତ୍ତରମୂଳକ ପ୍ରଶ୍ନ) | 1 | ନିର୍ଦ୍ଦିଷ୍ଟ ଉତ୍ତରମୂଳକ ପ୍ରଶ୍ନ | ବ୍ୟାକରଣ ପାଠ୍ୟପୁସ୍ତକ ଅନ୍ତର୍ଗତ |
| | | 31 | ବାକ୍ୟର ଅର୍ଥଗତ ରୂପାନ୍ତର | 1 | ନିର୍ଦ୍ଦିଷ୍ଟ ଉତ୍ତରମୂଳକ ପ୍ରଶ୍ନ | ବ୍ୟାକରଣ ପାଠ୍ୟପୁସ୍ତକ ଅନ୍ତର୍ଗତ |
| | | 32 | ବାଚ୍ୟଗତ ରୂପାନ୍ତରୀକରଣ | 1 | ନିର୍ଦ୍ଦିଷ୍ଟ ଉତ୍ତରମୂଳକ ପ୍ରଶ୍ନ | ବ୍ୟାକରଣ ପାଠ୍ୟପୁସ୍ତକ ଅନ୍ତର୍ଗତ |
| | | 33 | ବାକ୍ୟ ସଂକ୍ଷେପଣ<br>(ବହୁ ବିକଳ୍ପ ଉତ୍ତରମୂଳକ ପ୍ରଶ୍ନ) | 1 | ନିର୍ଦ୍ଦିଷ୍ଟ ଉତ୍ତରମୂଳକ ପ୍ରଶ୍ନ | ବ୍ୟାକରଣ ପାଠ୍ୟପୁସ୍ତକ ଅନ୍ତର୍ଗତ |
| **ମୋଟ** | | | | **32 ମାର୍କ** | | |